# ସାହିତ୍ୟ ଦର୍ପଣ



# ସର୍ତ୍ତ



ସୁଦର୍ଶନ ମହାପାତ୍ର

ବାହାରେ ଯଦି କିଏ କେଉଁଠି ଦେଖିଥିବ, ମୋ ଝିଅକୁ ଶାନ୍ତ, ସୁଧାର,ଅମାୟିକ ବୋଲି ବୁଝିଥିବ । ସବୁଠୁ ବଡ଼ ଉପଲବ୍ଧି ଥିବ ଝିଅ ମୋର ଖୁବ୍ ମାର୍ଜିତ । କେହି ତା ସହିତ କଥାବାର୍ତା କଲେ ଜଣେ ବୁଝି ପାରିବ ତା'ର ସରଳତା, ଛଳଛଳ ଖୁସି ଭାବ ।

କଣ୍ଢେଇ ଭଳି ଛୋଟ ମୁହଁଟିଏ,ସରୁ ନାକ,ଢଳଢଳ ଦୁଇଟି କଥାକୁହା ଆଖି ତା'ର । ସେଇ ଦୁଇ ଆଖିରେ ବି ସେ ପ୍ରକାଶ କରିପାରେ ତା'ର ମନୋଭାବ । ସେଇ ହେଉଛି ତା ଭାବନାର ବାରୋମିଟର, ଯାହା ମୁଁ ଅନାୟାସରେ ପଢିପାରେ ।କାରଣ ମୁଁ ତା'ର ବାପା ।

ତା'ର ଚିପି ହୋଇ ରହିଥିବା ଓଠ,ଉଦାସ-ଉଦ୍ଧତ ଚାହାଣି ବେଳେ ବେଳେ ମୋତେ ଭିନ୍ନ କିଛି ପ୍ରତୀତ କରାଏ । ସତେକି ଜୀବନର ମୂଳରୁ ଶେଷ ଯାଏଁ ସହିବା ପାଇଁ ସେ ଜନ୍ମ ହୋଇଛି, ହେଲେ ସେଥିରେ କାହାର ଦଖଲ ଦେବାର ଅଧିକାର ନାହିଁ । ସେତିକିବେଳେ ମୁଁ ବୁଝିପାରେ ତା'ର ଚାହାଣି ସିନା ସ୍ଥିର ଓ ଶୁଷ୍କ , କିନ୍ତୁ ସେଥିରେ ଅଚାନକ ବଢ଼ି ଆସିପାରେ ।ଆଉ ସେଇ ବଢ଼ି ତ୍ରିଭୁବନ ଭସେଇ ଦେବାର କ୍ଷମତା ରଖେ । ତୁମର ସବୁ ଟାଣପଣକୁ ଅଚିରେ ତରଳେଇ ଦେବାକୁ ବାଧ୍ୟ କରିବ । କିଛି ନ କହି ଅବା ପଦୁଟିଏ କହି, ଆଖିପତା ଝାଉଁଳେଇ ତା ଦୋଷ ପାଇଁ ତୁମକୁ କ୍ଷମା କରିଦେବାକୁ ଉସକେଇବ । ଶେଷକୁ ତୁମର କିଛି ଚାରା ନଥିବ ଆଉ ଭଳିଯିବାଟା ସୁନିଶ୍ଚିତ । ହେଲେ ତୁମେ କେମିତି ଜାଣିବ ଏ ସବୁ କଥା ? ଏସବୁ ସେ କରେ ଖାଲି ମୋ ପାଖରେ, ତା ବାପା ପାଖରେ..!!

ସେଇ ଛୋଟ ବେଳୁ ମୁଁ ତାକୁ ସହିଛି ।ସହିଛି ତା'ର ଯେତେ ଅଭିମାନକୁ,ତା ନାକ କୁଂାକୁ,ତା ଆଖି ଲୁହକୁ,ତା ଅଳି ଅର୍ଦ୍ଦଳି କୁ..!

ସେ ସ୍କୁଲ ଯିବାକୁ ଆରମ୍ଭ କଲାବେଳେ ମୋର ମାର୍କେଟିଂ ଜବ୍ ? ରେ ତାକୁ ସମୟ ଦେଇନପାରିବାକୁ, ତା'ର ଦିନେ ଦିନେ ଜିଦ୍ ବାହାରିବ ବାବା ହିଁ ସ୍କୁଲ ନେଇକରି ଯିବେ । ହେଲେ ମୋର ଯେଉଁ ଚାକିରି ସେଥିରେ କ'ଣ ଥାଏ କିଛି ସମୟ ନିର୍ଘ[ ନା ଥାଏ କିଛି ନିର୍ଦ୍ଧିଷ୍ଟ ଠିକଣା ? ଯେଉଁଦିନ ଯୁଆଡେ ଟୁର ପଡିବ ତ ସେଇ ଅନୁସାରେ ଘରୁ ବାହାରିବାକୁ ପଡିବ । କେଉଁଦିନ ବଡ଼ି ଭୋରରୁ ଟ୍ରେନ ଧରିବାକୁ ପଡିବ ତ କେଉଁଦିନ ରାତି ଦଶଟାରେ ବସ୍ । କିଛି ଧରାବନ୍ଧା ନାହିଁ । ହେଲେ ଝିଅ କି ବୁଝେ ସେ ସବୁ କଥା ? ସବୁଦିନ ତା ମାମା ସାଙ୍ଗରେ ଯାଉଥିବା ଝିଅ ଦିନେ ଦିନେ ପେଖନା କାଢେ ବାବାଙ୍କ ସାଙ୍ଗରେ ସ୍କୁଲ ଯିବ ବୋଲି ।

ଛୁଟିଦିନ କଥା କହିଲେ ନସରେ । ତା'ର ସବୁ ଫରମାଇସି ମୋ ଦ୍ୱାରା ପୂରଣ କରାଇବାକୁ ଚେଷ୍ଟା କରିବ । ତା'ର ସ୍କୁଲ ଯିବା ଆସିବା ବାଟରେ ଦେଖିଥିବା କିମ୍ବା କେଉଁ ସାଙ୍ଗ ଠାରୁ ଶୁଣିଥିବା ଦୋକାନକୁ ଯାଇ ତା ଇପ୍ସିତ 'ବାର୍ବି ଡଲ' ହେଉ ଅବା 'କିଣ୍ଡର ଜୟ' ବା ଆଉ କିଛି ଜିନିଷ ହାତେଇବାକୁ ଚେଷ୍ଟା କରିବ । ପୁଣି କେବେ ବେଳ ଉଣ୍ଡି ତା ସହିତ ଛକି ଶୁନ ଖେଳିବାକୁ ଜିଦି କରିବ ଅବା ସେ ଆଙ୍କିଥିବା ଡ୍ରଇଂ ରେ ରଙ୍ଗ ଭରିବାକୁ ଆଦେଶ ଦେବ ।

ମୁଁ ମୋ ଝିଅକୁ ଯେତିକି ବୁଝିଛି ଆଉ କ'ଣ କିଏ ସେମିତି ବୁଝି ପାରିବ ତାକୁ ? ତା ଜନ୍ମରୁ ଏ ପର୍ଯ୍ୟନ୍ତ ମୋ ଛଡା ତାକୁ ତାଲୁରୁ ତଳିପା ଯାଏଁ ଆଉ କିଏ ଭଲା ଜାଣିଛି ? ମୋ ଛଡା ତା ଦୁଃଖର ପ୍ରକୃତ ଭାଗମାପ କିଏ ବୁଝି ପାରିଛିତା ହସଖୁସିର ହେତୁ ଠଉରେଇ ପାରିଛି ?

ପିଲାଦିନେ ମାଆ ଠାରୁ ଗାଳି ଖାଇ ଯେତେବେଳେ ମୋ ପାଖରେ ଆସି ଠିଆ ହୁଏ ତା ଭାବଭଙ୍ଗୀରୁ ହିଁ ସବୁ ବୁଝିଯାଏ ମୁଁ ।ମୋ ଟେବୁଲ୍ ଉପରେ ଥିବା ବହିପତ୍ରକୁ ସଜାଡି ଦେବ, ପେନଷ୍ଟାଣ୍ଡକୁ ନେଇ ଠିକଣା ଜାଗାରେ ରଖିଦେବ ।ଫ୍ୟାନ ପବନରେ କଦବା ଉଡି ଯାଇଥିବା କାଗଜ ଖଣ୍ଡିକୁ ତଳୁ ଉଠାଇ ପେପର ଓ୍ବେଟ ତଳେ ଚାପି ରଖିବ । ସେଇଠୁ ମୁଁ ବୁଝିଯାଏ ମୋ ଝିଅ କିଛି ଭୁଲ୍ କରିଛି ଆଉ ସେଇଥିପାଇଁ ତା ମାମା ଠାରୁ ଗାଳି ଖାଇଛି,ଆଉ ମାମା କୁ ମନେଇବାକୁ ମୋ ଶରଣରେ ପଶିଛି ।

ପୁଣି ଯେତେବେଳେ ନାକ ସୁଁ ସୁଁ କରି ଧାଇଁ ଆସିବ, ଆଉ ମୋ ସଜଡ଼ା ଜିନିଷକୁ ଏପଟ ସେପଟ କରିବ ମୁଁ ଧରି ନେଉଥିଲି ଝିଅ କହିବାକୁ ଚାହୁଁଛି ଯେ ' ବିନା ଦୋଷରେ ମୁଁ ମାମା ଠାରୁ କାହିଁକି ଗାଳି ଖାଇବି ନା ? ସାନ ଭାଇ ଦୋଷ କରିବ ଆଉ ମୁଁ ଗାଳି ଶୁଣିବି ?' ସେ ଯେମିତି ତା ବାବାଙ୍କ ପାଖକୁ ଗୁହାରି କରିବାକୁ ଆସିନାହିଁ,ନ୍ୟାୟ ଦାବି କରିବାକୁ ଆସିଛି । କହିବାକୁ ଚାହୁଁଛି ' ତୁମେ ବାପା ହେଇଛ, ତୁମ ପୁଅ (ସେଇ ଖେଚଡ଼ ଟୋକା) କୁ ଦି' ଚାପୁଡ଼ା ପକଉନା, ମାମା କୁ ଅସଲ ଦୋଷୀ କିଏ ବୁଝେଇ ଦେଉନା । ବିନା ଦୋଷରେ ଏ ଘରେ ମୁଁ କାହିଁକି ଗାଳି ଖାଇବି ନା ?'

ଝିଅକୁ ହେଇଥିଲା ମୋଟେ ଆଠ ବର୍ଷ ଆଉ ପୁଅକୁ ପାଂ ବର୍ଷ । ପତ୍ନୀ ହୃଦଘାତରେ ହଠାତ୍ ଆଖି ବୁଜିଲେ ।ସେବେଠାରୁ ପିଲା ଦୁହେଁ ସେମାନଙ୍କ ଜେଜେ ମାଙ୍କ ତତ୍ୱାବଧାନରେ ରହିଲେ ବି ମୁଁ ଉଭୟ ବାପା ଏବଂ ମାଆ ଦୁହିଁଙ୍କ ଦାୟିତ୍ୱ ତୁଲାଇବାକୁ ଚେଷ୍ଟା କରିଛି । ସେମାନେ ବି ଆଦରି ନେଇଥିଲେ ମୋତେ ।

ଝିଅ କଲେଜ ପଢିଲା ବେଳକୁ ହଷ୍ଟେଲରେ ରହିବାକୁ ଠିକ୍ ହେଲା । ଓଃ କି ଅବସ୍ଥା ତା'ର ଯେଉଁଦିନ ହଷ୍ଟେଲ ଯ ି ବ । କ ୁ ବାହାରିଲା ।ନାକକାନ୍ଦୁଣିଟାର ମୁହଁ ଲୁହ ସିଂଘାଣିରେ ଏକାକାର ହୋଇଗଲା । କେତେ ବୁଝାଇଲି । ସପ୍ତାହକୁ ଥରେ ଯାଇଁ ତାକୁ ଭେଟି ଆସିବି ବୋଲି ପ୍ରତିଜ୍ଞା କଲି । ମାସକୁ ଅନ୍ତତଃ ପକ୍ଷେ ଥରେ ତାକୁ ଘରକୁ ଆଣିବି ବୋଲି ଭରସା ଦେଲି । ହେଲେ ସବୁ ପ୍ରତିଜ୍ଞା କି ରଖିହୁଏ ? ସେ ବି ଧିରେ ଧିରେ କଲେଜ ଏବଂ ହଷ୍ଟେଲ ପରିସର ମଧ୍ୟରେ ନିଜକୁ ଖାପଖୁଆଇ ନେବାକୁ ଆପ୍ରାଣ ଚେଷ୍ଟା କରିଥିଲା । ମୁଁ ଜାଣିଥିଲି ଏମିତି କିଛି ହେବ ।କାରଣ ମୋ ଝିଅଟା ବାପ ସୁହାଗି( ମୋ ବୋଉ ଭାଷାରେ) ସିନା ହେଲେ ଏତେ ଅବୁଝା ନୁହେଁ ।

ଏଥର ଝିଅ ପୋଷ୍ଟ ଗ୍ରାଜୁଏଟ୍ କଲାବେଳର କଥା କହୁଛି । ଘରକୁ ଆସିଥିଲା ଦୁର୍ଗାପୂଜାରେ । ମୋତେ ଚେସ୍ ଖେଳିବା ପାଇଁ ଉସକେଇଲା । ମୁଁ ସେଇ ସମୟରେ ଚେସ୍ ଖେଳିବାର ମୁଡ୍ ରେ ନଥିଲି ଜମା । କିନ୍ତୁ ବାଧ୍ୟ ହେଲି ତା କଥାରେ । ଝିଅର ଖୁସି ଆଉ ମୋର ଅନ୍ୟମନସ୍କତା ଭିତରେ ଖେଳ ଚାଲୁ ହେଲା । ଅଳ୍ପ ସମୟ ପରେ ଝିଅ ହଠାତ୍ ତାଳି ମାରି ହସି ଉଠିଲା । ମୁଁ ତା ହସରେ ଚମକି ପଡ଼ିଲି ।

-' ବାପା, ତୁମେ ଜିତିଗଲ । ତୁମେ ଜିତିଗଲ ।' ମୁଁ ଆଶ୍ଚର୍ଯ୍ୟ ହୋଇ ଚେସ ବୋର୍ଡ କୁ ଚାହିଁଲି ।

ଝିଅ ପରି ପୋଖତ ଚେସ୍ ଖେଳାଳି କୁ ମୁଁ ହରାଇ ପାରିବାର ଚିନ୍ତା ବି କରିନଥିଲି । ସେଥିପାଇଁ ସିନା ଖେଳ ପୂର୍ବରୁ ତା'ର ସର୍ତ ମୁଁ ଗ୍ରହଣ କରିନେଇଥିଲି ।

ଏଥର ମୁଁ ନିଜ ତରଫରୁ ତା'ର ସର୍ତ ପୂରଣ କରିବାକୁ ଆଗ୍ରହୀ ହେଲି ।

-' ବାପା ଅନୁପ ଙ୍କୁ ମୁଁ ଭଲପାଏ । ତାଙ୍କୁ ହିଁ ମ୍ୟାରେଜ୍ କରିବି ବୋଲି ଠିକ୍ କରିଛି ।' ନିହାତି ବେପରୁଆ ଭାବରେ କହିଲା ଝିଅ ।ସେ ହୁଏତ ଭାବିଲା ମୋର ସମ୍ମତି ସେ ଆଦାୟ କରିନେବ ବିନା ବାଧକରେ ।

ହେଲେ ମୋର ଗମ୍ଭୀର ମୁହଁ ଭିତରେ ସେ ସେମିତି କିଛି ଆଭାସ ପାଇଲାନି ତ ପର ମୁହର୍ତରେ ସନ୍ଦିଗ୍ଧ ଆଖି ନେଇ ଚାହିଁଲା । ତଥାପି ସର୍ତ ଅନୁସାରେ ତା କଥା ମାନି ନେବାର କଥା ବୋଲି ହସି ହସି ମୋତେ ଚେତାଇ ଦେଲା । ଯଦିଓ ମୁଁ ତାକୁ ଫାଙ୍କି ପାରିଥାନ୍ତି ଏଇ କାରଣ ଦର୍ଶାଇ ଯେ ସେ ଜାଣିଶୁଣି ଖେଳ ହାରିଛି ବୋଲି । ଏକଥା କହିବାକୁ ଚାହିଁ ବି ମୁଁ କିଛି କହିଲି ନାହିଁ ଏବଂ ତା'ର ଫଳ ସ୍ୱରୂପ ସେ ଠିକ୍ କରିଥିବା ଅନୁପ ନାମକ ପିଲାକୁ ମୁଁ ମୁଁ ଜ୍ୱାଇଁ କରିବାକୁ ବାଧ୍ୟ ହେଲି ।

ମନେ ମନେ ଭାବିଲି ଝିଅ ମୋର ଖୁବ୍ ପରିପକ୍ୱ ହୋଇ ଗଲାଣି । ଜାଣିଶୁଣି ହାରୁଛି ! ସେ ଚିରାଚରିତ ଭାବରେ ଜିତି ମଧ୍ୟ ମୋତେ ତା'ର ଇଛା ପୂରଣ କରିବାକୁ କହି ପାରିଥାନ୍ତା । ମୁଁ ସେଥିରେ ବି ତା ଇଛା କୁ ପୂରଣ କରିଥାନ୍ତି । ସେ ବୁଝି ପାରୁନି ତା ଜିତିବାରେ ହିଁ ମୋର ପରମ ଖୁସି । ସାରା ଜୀବନ ସେ ସମସ୍ୟା ସବୁର ସଫଳ ସମାଧାନ କରୁ, ଉନ୍ନତି କରୁ, ଖୁସିରେ ରହୁ - ଏୟା ମୁଁ ଚାହେଁ ।

ଦିନ ଥିଲା ଝିଅକୁ ଖୁସି କରିବାକୁ ମୁଁ ଜାଣିଶୁଣି ହାରି ଯାଉଥିଲି । ଏବେ ସମୟ ବଦଳିଛି । ସେ ମୋ ଠାରୁ ଜାଣିଶୁଣି ହାରୁଛି ।

ପ୍ରକୃତରେ ମୁଁ ମୋର ଭାବୀ ଜ୍ୱାଇଁ ଅନୁପ ସହିତ କଥାବାର୍ତା ଭିତରେ ଜାଣିଲି ମୋ ଝିଅ ପରିପକ୍ୱ ବୁଦ୍ଧିରେ ହିଁ ତା'ର ଜୀବନ ସାଥୀ ବାଛିଚି ।କିଛି ଦିନ ଭିତରେ ଝିଅର ନିର୍ବନ୍ଧ କାମ ସରି ଯାଇଥିଲା ।ଆଉ ଦୁଇ ମାସ ପରେ ବାହାଘର ଦିନ ଧାର୍ଯ୍ୟ ହୋଇଗଲା ।

ଥରେ ଝିଅ ଘରେ ନଥିଲା ବେଳେ ମୁଁ ତା ରୁମ ବାହାରେ ଠିଆ ହୋଇ ଭିତରକୁ ଯିବି କି ନଯିବି ଭାବିଲା ଭିତରେ ପଛରୁ ଶୁଭିଲା ଝିଅର ସ୍ୱର -' ସେ ରୁମରେ କ'ଣ ଯଦି ଦରକାର ଅଛି ଯାଉନା ବାବା । ଏମିତି ଚୁପ୍ ଚାପ୍ ଠିଆ ହୋଇଛ କାହିଁକି ? '

ପ୍ରକୃତରେ ମୋ ଝିଅ ଅବର୍ତମାନରେ ସେଇ ରୁମ କେମିତି ଲାଗିବ ମୁଁ ଅନୁଭବ କରିବାକୁ ଚେଷ୍ଟା କରୁଥିଲି । ହେଲେ ମୁଁ ନିଜକୁ ଗୋପନରେ ରଖିବାକୁ ଚେଷ୍ଟା କଲି ।

-' ନାଇଁ, ମୁଁ କହୁଥିଲି କ'ଣ କି, ତୋ ବାହାଘର ଆଉ ଅଳ୍ପ ଦିନ ରହିଲା । ତୋର ଦରକାରୀ ଜିନିଷପତ୍ର ପ୍ୟାକିଂ କରି ଦେ । ପିଲାଦିନରୁ ଆଜି ପର୍ଯ୍ୟନ୍ତ କେତେ କେଜାଣି ଜିନିଷ ଏ ଘରେ ଭରି ରଖିଛୁ । ଯାହା ପାରୁଛୁ ନେଇ ଯାଆ ଏଠୁ ।ଘରଟା ହେଲେ ଟିକିଏ ଖାଲି ହୋଇଯାଉ ।'

-' ସେମିତି କହିବନି ବାବା । ମୋ ଜିନିଷ କ'ଣ ତୁମକୁ ବୋଝ ହୋଇଛି ? ଶୁଣି ନିଅ ଗୋଟିଏ କଥା ।ଏ ଘରୁ ମୁଁ କିଛି ବି ନେବିନି ।ଏ ଘର ମୋର । ଯେବେ ମନହେବ, ଯେତେଦିନ ଇଛା ମୁଁ ଆସି ଏଇଠି ରହିବି । ମୋ ରୁମ ଯେମିତି ଅଛି ସେମିତି ଥିବ ।' ଆଖି ଛଳଛଳ କରି କହିଲେ ଝିଅ ।

ତା କଥା ଶୁଣି ମୁଁ ଅଳ୍ପ ହସିଲି ।ମନେ ମନେ କହିଲି -' ତୁ ଚାହିଁଥିଲେ ବି ମୁଁ ଏସବୁ ଦେଇ ନଥାନ୍ତି ଝିଅ ।ତୋ ଅନୁପସ୍ଥିତିରେ ଏସବୁକୁ ଦେଖି ଛୁଇଁ ମୁଁ ଯେ ଅବଶିଷ୍ଟ ଦିନ କାଟିବି ।'

* * * *

ଝିଅ ଆଜି ଘରକୁ ଆସୁଛି ।ମୁଁ ଘରଦ୍ୱାର ସଜାଡି ରଖିବାକୁ ଚେଷ୍ଟା କରୁଛି । ନହେଲେ ତାକୁ ମଉକା ମିଳିବ । ମୁଁ ଠିକ୍ କରି ସବୁ ମ୍ୟାନେଜ କରିପାରୁ ନାହିଁ ବୋଲି ସେ ତା'ର ରାୟ ଶୁଣାଇବ ।ତା କଥା ରଖିବାକୁ ମୋତେ ବିବଶ କରିବ । ସେ ଯୁକ୍ତି ବି କରିପାରେ ଯେଉଁ ଦୁଇ ବର୍ଷ ତା ସାନଭାଇ ବିଦେଶରେ ରହିବ ସେତିକି ସମୟ ମୁଁ ତା ପାଖରେ ରହିବି ବୋଲି ।

ମୁଁ ଆଗରୁ କହିଛି ବାବାଙ୍କୁ କେମିତି ମନେଇବାକୁ ହୁଏ ସେଇ କଳାରେ ମୋ ଝିଅ ଖୁବ୍ ପାରଙ୍ଗମ । ହେଲେ ମୁଁ ଗୋଟିଏ ଉପାୟ ପାଂଛି । ତା ସହିତ ସର୍ତ ରଖି ମୁଁ ଚେସ୍ ଖେଳିବାକୁ ବସିବି । ଆଉ ତାକୁ ଚକମା ଦେଇ ସର୍ତ ଅନୁସାରେ ଜିତିବି କିମ୍ବା ହାରିବି । ଦରକାର ପଡିଲେ ଚିଟିଂ ବି କରିପାରେ । ହେଲେ ତା ସହିତ ଯାଇ ରହିବିନି । ଝିଅ ଘରେ ଯାଇଁ ରହିଲେ କାଳେ ତା ଶାଶୁଘର ଲୋକେ ଅସନ୍ତୁଷ୍ଟ ହେବେ । ବାପା ହୋଇ ମୁଁ କ'ଣ ସେ କାମ କରିବା ଠିକ୍ ହେବ...???

*କୁଞ୍ଜବିହାରୀ ଲେନ, କଟକ*

## ଆମ ଗାଁ ଶୀତ

*ଆଦ୍ୟାଶା ମହାପାତ୍ର*



ଶୀତ ଏବେ ଆସିଅଛି ବରଷକ ପରେ
ମଞ୍ଜହାଡ ଥରାଏ ସେ ସକାଳ ସଞ୍ଜରେ,
ଆମ ଗାଁ ଦାଣ୍ଡେ ଘାଟେ ଧୁନି ନିଆଁ ଜଳେ
ପିଲା ଯୁବା ବୁଢା ଠାରୁ ହିମକୁ ହକାଳେ ।
ଗୋଧୁଳି ବେଳାରୁ ଦାଣ୍ଡ ହେଉଛି ନିଶୂନ
ଜାଡ ପାଇଁ ଜଡ ସତେ ଜୀବନଯାପନ,
ସୁରୁଜ ତା' ମଳିଚିଆ କିରଣ ବିଂଚିଛି
ପିକା ଟାଣି ମାଧ ଦାସ ପିଣ୍ଡାରେ ବସିଚି ।
ରେଜେଇ ଚାଦର ଆଦି ସମ୍ଭାଳଇ ଶୀତ
ସଞ୍ଜ ପହରୁ ଶୁଭଇ ହୁକେ ହୋ ଗୀତ,
ଦିନା ସାହୁ କୁଡିଆରୁ ଶୁଭେ ଖୁଁଉ ଖୁଁଉ
ପତ୍ର ଝଡା ଡାଳୁ ପେଚା ଡାକେ ମୁହୁର୍ମୁହୁ ।
ଘରେ ଏକା ଚେମା ବୁଢ଼ୀ ପଡିଚି ବାଧିକି
କିଏ କହେ ଜନ୍ତୁରାଣ ଉଠେଇ ନେବ କି,
କୁହୁଡିରେ ଦିଶେ ନାହିଁ କାହାର ସେ ଛାଇ
କିଏ କହେ ବାନ୍ଧି ରଖ ବୁଢ଼ୀର କୋକେଇ ॥
ଏଯାଏଁ ରାତି ପାହିନି ତିନି ଘଡି ଅଛି
ମାହାରା କରି ଉତରୁ ହେମାଳ ବହୁଛି ,
କଂସା ବାସନ ମାଜଣା ଏଇ ଶୁଭିଲାଣି
ବାସି କାମ ସାରୁଛି ପଦ'ନା ଭୁଆସୁଣୀ ।
ସକାଳୁ ବଡ଼ ମା' ଚାଲୁ ଉଠିଲାଣି ଧୂଆଁ
ଘରସାରା ବଂଟା କୁଂଟା ନାଲି ଅଦା ଚାହା,
ଧାନ ଅମଳକୁ ଚାଷୀ ସାଜଇ ହରଷେ
ସୋରିଷ କିଆରୀ ପୀତ ବସ୍ତ୍ର ପିନ୍ଧି ହସେ ।
ଗୁଡିଆ ସାହି ବୁଢ଼ୀର କାଖରେ ପସରା
ମୁସ ମୁସ ମୁଡ଼ି ମୁଆଁ ଚାଷୀ ଭୋକ ହରା,
ବ୍ରାହ୍ମଣୀ ନଈ କି' ସତେ ରଚିଛି କୁହୁକ
ପାଣି ତା ଜରତି ଶୀତେ ହିମ ଗୋଟାଯାକ ।

*ନୂଆପଡା, କଟକ*

## ସ୍ୱପ୍ନଭଙ୍ଗ

*ରତ୍ନକାନ୍ତି ମିଶ୍ର*



କାଲି ରାତିରେ
ମୁଁ ଭଲରେ ଶୋଇ ପାରିନି
ଆଉ ଗୋଟିଏ ବିଫଳତାର ସ୍ୱାଦ
ମୋତେ ହନ୍ତସନ୍ତ କରୁଛି
ସେଥିପାଇଁ ମୋର ଏ ବିନିଦ୍ରତା
ମୋ ସ୍ୱପ୍ନର ରଙ୍ଗ ବଦଳି ଯାଇଛି
ମୋର ଜ୍ଞାତ ବା ଅଜ୍ଞାତସାରରେ
ଆଉଥରେ ଆଦରି ନେଇଛି
ସେଇ ତିକ୍ତ ଜ୍ୱାଳା
ମୁଁ ଆଜି କ୍ଳାନ୍ତ ପଥିକଟିଏ
ଜୀବନର ଚଲାପଥରେ
ମୋ ପାଦତଳର ମାଟି ଆଉ
ମୁଣ୍ଡ ଉପରର ଆକାଶ
ଅବିଶ୍ୱାସ ଲାଗୁଛି ମୋତେ
ଘଟଣା ଚକ୍ରରେ
ମୁଁ ଛନ୍ଦି ହୋଇ ପଡୁଛି
ମୋ ଜୀବନାୟନର ଇଛା
ଅନିଚ୍ଛାରେ..
ମୋ ଖୁସି କୋଳାହଳ
ଛାଇ ଆଲୁଅର ଚିହ୍ନା ଅଚିହ୍ନା
ଖେଳରେ
ନିଜର ଅସ୍ତିତ୍ୱ ଖୋଜୁଛି
ପରିସ୍ଥିତି ସହ
ନିଜକୁ ଖାପଖୁଆଇ ନେବାର କଳା
ଏବେ ବେଖାପ ବୋଧ ହେଉଛି
ସବୁ ସାହସ ଏବେ
ମୋତେ ଅବସୋସ ପ୍ରତୀତ
ହେଉଛି
ଦୁଃସମ୍ବାଦର ଜୀବାଣୁ
ମୋତେ ଆକ୍ରାନ୍ତ କରୁଛି ବାରମ୍ବାର
ହେଲେ ମୁଁ ନାଚାର...!!!

*ଆଳି, କେନ୍ଦ୍ରାପଡା*

## ପଉଷ ମାସିଆ ଗୀତ

*ନିରଞ୍ଜନ ସାହୁ*



ପଉଷ ମାସିଆ ଧାନ ବିଲ ଏବେ
ପାଚିଲା ଧାନରେ ଭରା
ପଉଷ ମାସିଆ ଦିନଯାକ ଏବେ
କଅଁଳ ଉଷୁମ ଖରା ।

ପଉଷ ମାସିଆ ପାଣିପାଗ ଏବେ
ହେମାଳ ପବନ ଶୀତ
ପଉଷ ମାସିଆ ସଞ୍ଜ ସକାଳରେ
ନିଆଁ ସାଥେ ବସ ମିତ
ପଉଷ ମାସିଆ କାଲୁଆ ଜାଡଟା
ଏକାବେଳେ ଦେହ ଥରା ।

ପଉଷ ମାସିଆ ବଡି ଅନ୍ଧାରରେ
କୁହୁଡି ଦେଖାଏ ଭାଉ
ପଉଷ ମାସିଆ ରାତି କାକରରେ
ଫୁଲ ଫୁଟେ ନାହିଁ ଆଉ
ପଉଷ ମାସିଆ ଜହ୍ନ ଦିଶୁଥାଏ
ପୁରା ମଳିଛିଆ ପରା ।

ପଉଷ ମାସିଆ କୁକୁର ହାଣ୍ଡିରେ
ଭରି ରହିଥାଏ ପେଜ
ପଉଷ ମାସିଆ ଭୋଜିଭାତ କଥା
ମନ ମଧ୍ୟେ ଟିକେ ହେଜ
ପଉଷ ମାସିଆ ସିନାନକୁ ଡର
ଶୀତ ଭାରି ନାମକରା ।

ପଉଷ ମାସିଆ ଦିନ ସରିଯାଏ
ଚାହୁଁଚାହୁଁ ସରେ ବେଳ
ପଉଷ ମାସିଆ ହାଟ ବଜାରରେ
ନାନାଦି ପରିବା ମେଳ
ପଉଷ ମାସିଆ ପରିଭ୍ରମଣରେ
ବୁଲି ହୁଅ ଆତ୍ମହରା ।

*ନିହଲ ପ୍ରସାଦ, ଗଁଡିଆ ପାଟଣା*
*ଢେଙ୍କାନାଳ -୭୫୯୦୧୬୩*

## କୁଡୁଡ଼ି ମାୟା

*ସୁଧାକର ରାଉତ*



ସମସ୍ତଙ୍କୁ ସେ କରେ ଆଲିଙ୍ଗନ
ନିଜର ପ୍ରସାରିତ ବାହୁ ବେଷ୍ଟନୀରେ
ତୃଣରୁ ମହାଦ୍ରୁମ ପର୍ଯ୍ୟନ୍ତ
ରାଜରାସ୍ତାରୁ ଗାଁ ଅଣଓସାରିଆ ଗଳି ଯାଏ
ନଭଶୁମ୍ବୀ ପ୍ରାସାଦ ଠାରୁ
ଜରି ପକା କୁଡିଆ ।
ସବୁଠି ତା ଅନାୟାସେ ପ୍ରବେଶ
ସବୁଠି ତା ସ୍ୱାକ୍ଷର ଅନନ୍ୟ ଢ଼ଙ୍ଗେ
ଉପସ୍ଥିତିକୁ ତା କରେ ଜାହିର ।
ସ୍ପର୍ଶ କରେ କାହାର ସୁଠାମ ଚେହେରାକୁ
ଆବୃତ କରିଥିବା
ଉଷ୍ମ ପୋଷାକରେ ।
ଅବା କର୍ମ ତତ୍ପର ଶ୍ରମିକର
ପଞ୍ଜରାହାଡ ଗଣି
ହେଉଥିବା ଦେହରେ ।
କେଉଁଠି ସେ ଦାରିଦ୍ର୍ୟକୁ କରେ ଉପହାସ
କାହା ଦୃଷ୍ଟିରେ ସେ ସୃଷ୍ଟି କରେ
ସଫେଦ ସାଗରର ମାୟା
ଦିଶି ଉଦାସ ।
ପୁଣି କେବେ ସିଏ ଜଗାଏ ଶିହରଣ
ସାଉଂଟାଇ ବିଦଗ୍ଧ ଶରୀରେ
ଅଭୁଲା ସ୍ମୃତିର ବେହରଣ ।
ହେଲେ ସେ ଫୁଲେଇ
କୁହୁଡ଼ି ର ଆସ୍ତରଣ
ଉଭେଇ ଯାଏ ନୀରବରେ
ହୋଇ ଅସ୍ତବ୍ୟସ୍ତ
ପ୍ରତ୍ୟୁଷର ଉପତ୍ୟକାରୁ
ସଙ୍ଗେ ନେଇ ତା ଶୁଭ୍ର ମହକ ।
ପାଏ ଯେବେ ରବିଙ୍କର ଝଲକ
ପହିଲି କିରଣର କୁହୁକ ।

*ପ୍ରତାପ ନଗରୀ, କଟକ*
*ମୋ:୮୨୪୯୯୩୨୭୯୨*

# ଅଧୁରା ସ୍ୱପ୍ନ



ସୁଚରିତା ମହାନ୍ତି

ଯା' ଉଡିଯା' ।ଆଉ କେତେ ଥର କହିବି କହିଲୁ,ଉଡ଼ିଯା ବୋଲି । କାହିଁକି ବସି ରାଉରାଉ ହେଉଛୁ ।ଆଉ କାହାର ଆସିବାର ନାହିଁ । ଅବେଳରେ କାହିଁକି କିଏ ଆସିବ ଯେ,ନେ ଏଇ ଭାତ ମୁଠାଏ ଗୋଳେଇ ରଖିଥିଲି ଖାଇଦେଇ ଉଡ଼ି ଯା' ।

କାଉ ଯେତେ ଥର ବୋବାଉ ଥାଏ ସୁର ବୋଉ ସେତେଥର ତାକୁ କହୁଥାଏ ଯା' ଉଡ଼ି ଯା' ।କାଉ ଆଗ ପଛ ହୋଇ ଦୁଆର ଆଗରେ ଥିବା ପିଜୁଳି ଗଛରେ ବସି ଇଆଡ଼ ? ସିଆଡ଼ ? ଅନେଇ ଥରକୁ ଥର ବୋବେଇବାରେ ବ୍ୟସ୍ତ ।

ସୁରବୋଉ ଯେମିତି ଭାତ କଂସାଟି ଧରି ପିଣ୍ଡା ତଳକୁ ପାଦ ପକେଇଛି କାଉଟି ଚଟକିନି ଉଡ଼ି ଆସି ତା'କାନ୍ଧ ଉପରେ ବସିପଡ଼ି ମୁହଁକୁ ଅନେଇଲା ।ସୁରବୋଉ କହିଲା କ'ଣ ଦେଖୁଚୁ । ନେ ଖାଇଦେ । ଆଜି ବେଶି ଭାତ ରାନ୍ଧିନି ।କାହା ପାଇଁ ରାନ୍ଧିବି କିଏ ଖାଇବ ।ତୁ ବି ସବୁଦିନ ଆସୁନୁ । ବେଶି ରାନ୍ଧି ଫୋପିଡ଼ିବି କାହିଁକି ।

ସୁର ବୋଉ କଥା କହିକହି ଭାତ କଂସାଟି ତଳେ ଥୋଇଦେଲା ।କାଉ ଦୁଇ ଥରରେ ସେତିକି ଖାଇ ଉଡ଼ିଗଲା ।

ସୁରବୋଉ କହୁଥିଲା ଏତେ ଭୋକିଲା ଥିଲା ଖାଇବ ବୋଲି ସେତେବେଳୁ ଆସି ରାଉରାଉ ହେଉଛି ।ଗଣ୍ଡେ ଖାଇଦେଲେ କେଡ଼େ ଖୁସି ତା'ର ।

ସୁରବୋଉ କାମ ପାଇଟି ସାରି ଛିଣ୍ଡା ହେଂସ ପାରି ଅଧା ଫୁଙ୍ଗୁଳା ପିଠିଟାକୁ ଖରାକୁ ଦେଖେଇ ଗୋଡ଼ ଲମ୍ବେଇ ଗଡ଼ିଗଲା । ଆଖିପତା ପଡୁପଡୁ ସୁରବୋଉକୁ କିଏ ଥିରି ଥିରି କାନ ପାଖରେ ଡାକିଲା ଭଳି ମନେହେଲା । ସୁରବୋଉ ସେ କଥାକୁ ଏତେ ନିଘା ନକରି ଶୋଇଗଲା । ପୁଣି ସେମିତି କିଏ ତାକୁ କାନ ପାଖରେ ଥିରି ଥିରି ବୋଉ ବୋଉ ବୋଲି ଡାକଶୁଭିଲା ।

ଏଥର ସୁର ବୋଉ କଡ଼ ଲେଉଟାଇ ଚାହିଁଲା ।ପିଠି ପାଖକୁ ଆଉଜେଇ ବସିଛି ତା' ପୁଅ ସୁର ।ସୁରବୋଉ କହିଲା,ତୁ ସତରେ ଆସିଛୁ । କିଛି ଖବର ଦେଲୁନାହିଁ କ'ଣ ଗଣ୍ଡେ ରୋଷେଇ କରି ରଖିଥାନ୍ତି ।ସୁର ମୁହଁ ଦେହକୁ ପଣତ କାନିରେ ପୋଛାପୋଛି କରି କହିଲା,ଯା ଗୋଡ଼ହାତ ଧୋଇଧାଇ ହେଇ ଆ' ମୁଁ କ'ଣ ଟିକେ କରେ ଖାଇବୁ ।

ସୁର କହିଲା, ବୋଉ ଲ ତୁ ଜମା ବ୍ୟସ୍ତ ହଅନା ମୁଁ ଆସିବା ବେଳେ ବାଟରେ ଖାଇ ଆସିଛି ।ତୁ ଶୋଇଥା ମୁଁ ତ ପାଖରେ ଏଇଠି ଟିକେ ଶୋଇବି ।

ପରେ ଖିଆପିଆ କଥା ଚିନ୍ତା କରିବୁ । ସୁର ବୋଉ କହିଲା ତୁ ଆସିଲୁ ତୋ ଲୁଗାପଟା କାହିଁ କିଛି ଆଣିନୁ ।କ'ଣ ହେଲା ? କିଛି ଅସୁବିଧା ହେଇଛି କି ?

ସୁର କହିଲା,ନାଇଁ ଲ ବୋଉ ସେମିତି କିଛି ନାହିଁ ତୁ ଶୋଇଲୁ ଶୋ ।

ସୁର ବୋଉର ମନ ଥିର ହେଉନଥାଏ ।ସୁର ଯେତେବେଳେ ଘରକୁ ଆସେ ନାହିଁ ନଥିବା ଜିନିଷ ପଟା ଧରି ଆସେ । କ'ଣ ଗୋଟେ ଘଟଣା ହୋଇଛି ।ସେ ମୋତେ କହୁନାହିଁ ।

ସୁର ତା' ବୋଉକୁ ଭିଡ଼ିଧରି ଶୋଇଲା ।

ସୁର ବୋଉର ମନ ବୁଝୁନଥାଏ । ଆଉ କିଛି ସମୟ ଯାଉ ପଚାରିବି କ'ଣ ହୋଇଛି ।

ବେଳ ବୁଡ଼ି ଗଲାଣି ।ସୁର ବୋଉ ସୁରକୁ ଡାକିଲା,ସୁର ଉଠୁ ବେଳବୁଡ଼ିଗଲାଣି ।ସୁର ହଁ ବୋଲି କହି ଆଖି ମଳି ମଳି ଉଠି ବସିଲା । କହିଲା, ବୋଉ ଟିକିଏ ଚା'କଲୁ ପିଇବା । ସୁର ବୋଉ କହିଲା,ରହ ମୁଁ କରି ଆଣୁଛି ।ନାଲି ଚା' ଦୁଇଟି ଗ୍ଲାସରେ ସୁର ବୋଉ ଆଣି ସୁର ହାତକୁ ବଢେଇ ଦେଇ କହିଲା ନେ ପି'ଦେ ଏଇ ନାଲି ଚା' ମୁନ୍ଦାଏ ।

ସୁର କହିଲା ହଁ ମ ଦେ ନାଲି ଚା' ହେଲା କ'ଣ ହେଲା ।

ସୁର କେବେ ବିନା କ୍ଷୀରରେ ଚା' ପିଏ ନାହିଁ । ଆଜି କ'ଣ କହୁଛି ପି'ଦେବ ବୋଲି ।

ମା' ପୁଅ ବସି ଚା' ପିଇବାକୁ ଲାଗିଲେ । ସୁର ବୋଉ ସୁରକୁ କଅଁଳେଇ ପଚାରିଲା,ବାବୁରେ କ'ଣ ଖାଇବୁ ତିଆରି କରିଦେବି କହ ।ଭୋକ ଲାଗିବଣି, କେତେବେଳେ କ'ଣ ଖାଇଥିବୁ ।

ସୁର କହିଲା,ତ ଇଛା ଯାହା ତୁ ତିଆରି କରିଦେ ମୁଁ ଖାଇବି ।ରହ ସଞ୍ଜ ନଇଁଲାଣି,ସଞ୍ଜବତୀ ଦେଇସାର ତା'ପରେ ଯାହା କରିବୁ ।ସୁର ବୋଉ ହଁ କହି ଉଠି ଚାଲିଗଲା ସଞ୍ଜ ଦେବାପାଇଁ ।

ସୁର ଘର ଭିତରକୁ ପଶିଆସି ଟିଭି ଲଗେଇ ବସିଗଲା ।

ଟିଭି ଦେଖୁଦେଖୁ ସେ ହଠାତ୍ ଟିଭିକୁ ବନ୍ଦ କରିଦେଇ ଚୁପଚାପ୍ କିଛି ନଜାଣିବା ଭଳି ବସିରହିଲା ।ତା' ବୋଉ ଭିତରେ ଥାଇ ପଚାରୁଥାଏ,ଆରେ କ'ଣ ହେଲା ଟିଭି କାହିଁକି ବନ୍ଦ କରିଦେଲୁ । ତୁ ଟିଭି ଲଗେଇ ଦେଖୁଥା ।ମୁଁ ତ ପାଇଁ ଖାଇବା ନେଇ ଯାଉଛି ।ସୁରର ଦେହ ଗୋଟାପଣେ ଥରୁଥାଏ । କ'ଣ କରିବ କିଛି ବୁଝି ପାରୁନଥାଏ ।ବୋଉକୁ କ'ଣ କହିବ ।ତା' କଥା ଶୁଣିଲେ ବୋଉର କ'ଣ ଅବସ୍ଥା ହେବ ଏମିତି ନାନା ପ୍ରକାରର ଆଶଙ୍କାରେ ଛନ୍ଦି ହୋଇ ଘର ବାହାର ହେଉଥାଏ । ସୁର ବୋଉ ଦୁଇପଟ ଚକୁଳି ଲେଉଟାଇ ଆଣି ସୁରକୁ ଡାକିଲା ଆରେ ସୁର ଖାଇବୁ ଆ' ।

ସୁର କହିଲା ବୋଉ ତୋତେ ଗୋଟିଏ କଥା କହିବି, ତୁ ମୋ ଉପରେ ରାଗିବୁନି ତ ! ସୁର ବୋଉ କହିଲା,ଆରେ କ'ଣ ହେଇଛି କହିଲେ ସିନା ମୁଁ ଜାଣିବି ।

ତୁ ଆସିଲୁଣି କେତେବେଳୁ ଏଯାଏଁ କିଛି କହୁନାହୁଁ । କ'ଣ ହେଇଛି କହିଲୁ । ଆଗ ଖାଇସାର ତା'ପରେ କହିବୁ । ସୁର କହିଲା ଏଇଟା ତ ହାତରୁ ଶେଷ ଖାଇବା ବୋଉ ।ଆଉ କେବେ ଖାଇବାକୁ ଡାକିବୁନି କି ମୁଁ ଆଉ ଖାଇବାକୁ ନଥିବି । ମୋର ସବୁ ସ୍ୱପ୍ନ ଅଧୁରା ରହିଗଲା ।

ସୁର ବୋଉ କହିଲା,ତୁ ଏମିତି କାହିଁକି କହୁଛୁ ରେ ସୁର ।ତ ବିନା ମୁଁ କେମିତି ବଂଚିବି ।ଆଉ କିଏ ଅଛି ଆମର । ଦାଣ୍ଡ ପିଣ୍ଡାରେ ଶୁଭିଲା, ଏଇଟା ସୁର ଭଞ୍ଜ ଘର କି ।ଘରେ କିଏ ଅଛନ୍ତି ।

ସୁର ଭଞ୍ଜ ଘରେ ଅଛି କି ?

ସୁର ବୋଉ ଦାଣ୍ଡକୁ ବାହାରି ଆସି ଦେଖେତ ଖାକି ପୋଷାକରେ ଦୁଇଚାରିଜଣ ପୋଲିସ ଠିଆ ହୋଇଛନ୍ତି । ରାସ୍ତାରେ ଗାଡ଼ି ଠିଆ ହୋଇଛି । ସୁର ବୋଉ ନରମ ଗଳାରେ ପଚାରିଲା, ବାବୁ ମୋ ପୁଅ କ'ଣ ଭୁଲ୍ କରିଛି କି । ଯଦି କିଛି ଭୁଲଭାଲ୍ କରିଛି ମୋତେ କୁହ ମୁଁ ତାକୁ ବୁଝେଇଦେବି । ପିଲା ଲୋକ କ'ଣ ଯଦି କରିଛି କ୍ଷମା କରିଦିଅ ।ଆଉ ସେ କେବେ ଭୁଲ୍ କରିବନି ।

ସୁର ବୋଉ ଘର ଭିତରକୁ ଧାଇଁ ଯାଇ ଗୋଟିଏ ବାଉଁଶ କଣି ଆଣି ଛୋଟ ପିଲାକୁ ବାଡ଼ ?ଇବା ପରି ଦୁଇ ପାହାର ସୁର ଗୋଡ଼କୁ ପକେଇଲା ।କହିଲା,କହ ବାବୁ ମାନଙ୍କୁ ଆଉ କେବେ ଭୁଲ୍ କରିବୁନି ବୋଲି ।

ଜଣେ ପୋଲିସ ବାବୁ ସୁର ବୋଉର ହାତକୁ ଧରି ପକାଇ କହିଲେ, ମାଉସୀ ତମ ପୁଅ କିଛି ସାମାନ୍ୟ ଭୁଲ୍ କରିନାହିଁ ସେ ମଣିଷ ମାରିଛି ।

ସୁର ବୋଉ ଲଥ୍ କରି ତଳେ ବସିପଡ଼ି କହିଲା,ମୋ ପୁଅ ଦିନେ ମାଛିକୁ ମ' ବୋଲି କହିନି ଆଜି ସେ ମଣିଷ ମାରିଛି ।ହଁ ମାଉସୀ ତମ ପୁଅ ମଣିଷ ମାରିଛି । ଏବେ ଆମେ ତାକୁ ନେବା ପାଇଁ ଆସିଛୁ ।

ସୁର ତା' ବୋଉର ଗୋଡ଼ ତଳେ ପଡ଼ି କହୁଥାଏ, ବୋଉ ଲ ତ ପାଇଁ ମୁଁ କିଛି କରିପାରିଲିନି । ମୋତେ ଭୁଲ୍ ବୁଝିବୁନି କ୍ଷମା କରିଦେବୁ ।

ସୁର ବୋଉ ତଟକା ମାରି ଦେଖୁଥାଏ ସୁର ହାତରେ ହାତକଡ଼ି ପକେଇ ପୋଲିସ ବାବୁମାନେ ଗାଡ଼ି ପାଖକୁ ନେଇଯାଉଥାନ୍ତି ।

*ବାରିପଦା,ମୟୂରଭଞ୍ଜ*
*ମୋ: ୮୯୧୭୫୭୧୨୦୨*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Sunday December 14 | ଭୁବନେଶ୍ୱର ରବିବାର, ୧୪, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍‌ରେ ଆରମ୍ଭ ହେଲା ୭ମ ଇକୋ ରିଟ୍ରିଟ, ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,(ପି.ଏନ): ଚଳିତବର୍ଷ ପାଇଁ ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍ ମୁଖ୍ୟରାସ୍ତା ନିକଟ ରାମଚଣ୍ଡୀ ମୁହାଁଣ ନିକଟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ ହୋଇଛି ୭ମ ଇକୋ-ରିଟ୍ରିଟ । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ଉତ୍ସବକୁ ଉଦ୍‌ଘାଟନ କରି କହିଛନ୍ତି ଯେ, ପର୍ଯ୍ୟଟନ ପାଇଁ ରାଜ୍ୟ ସରକାର ଯେତେପ୍ରକାର ପଦକ୍ଷେପ ନେଉଛନ୍ତି, ତନ୍ମଧ୍ୟରୁ 'ଇକୋ-ରିଟ୍ରିଟ୍' ସବୁଠାରୁ ଆକର୍ଷଣୀୟ । କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଆଗାମୀ ଦିନ ଗୁଡିକରେ ଓଡ଼ିଶାର ବିଭିନ୍ନ ପ୍ରସିଦ୍ଧ ପର୍ଯ୍ୟଟନ ଅଂଚଳ ମାନଙ୍କରେ ହେଉଥିବା ଇକୋ-ରିଟ୍ରିଟ୍ ସ୍ଥାନରେ ରାଜ୍ୟ ସରକାରଙ୍କର କ୍ୟାବିନେଟ ବୈଠକ ଓ ମନ୍ତ୍ରୀ ମଣ୍ଡଳ ବୈଠକ ମଧ୍ୟ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି ।ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ, ଓଡ଼ିଶାର ପର୍ଯ୍ୟଟନ ବିଭାଗ ପକ୍ଷରୁ କରାଯାଉଥିବା ପରିବେଶଭିତ୍ତିକ ଏହି ଇକୋ-ରିଟ୍ରିଟ ସାରା ଭାରତବର୍ଷରେ ସୁନାମ ଅର୍ଜନ କରିବା ସହିତ ସଫଳତା ହାସଲ କରିପାରିଛି । ଭାରତବର୍ଷରେ ଓଡିଶା ଇକୋ-ରିଟ୍ରିଟ ପର୍ଯ୍ୟଟନ କ୍ଷେତ୍ରରେ ଏକ ମଡେଲ ଭାବେ ଅନ୍ୟ ରାଜ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସାତକୋଶିଆ, ଭିତରକନିକା, ଦାରିଙ୍ଗବାଡି, ସୋନାପୁର ଏବଂ କୋଣାର୍କରେ ଏହି ସବୁ ଇକୋ-ରିଟ୍ରିଟ୍ ଗୁଡିକ ଓଡିଶାର ପରିବେଶ ପର୍ଯ୍ୟଟନର ଗୁରୁତ୍ୱ ବୃଦ୍ଧି କରିଛି । ସ୍ଥାନୀୟ ଲୋକମାନଙ୍କ ପାଇଁ ଜୀବିକା ସୃଷ୍ଟି, ପରିବେଶ ସମ୍ପର୍କରେ ସଚେତନତା ସୃଷ୍ଟି, ସ୍ଥାନୀୟ ଅର୍ଥନୀତିର ଅଭିବୃଦ୍ଧି- ଏସବୁ କ୍ଷେତ୍ରରେ ଇକୋ-ରିଟ୍ରିଟ୍ ଏକ ମଡେଲ ଅଭିଯାନ ବୋଲି କହିବା ସହିତ ଓଡିଶାର ଅନ୍ୟାନ୍ୟ ପ୍ରାକୃତିକ ସ୍ଥାନରେ ଏହିପରି ବ୍ୟବସ୍ଥା କରାଯାଉ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ନିର୍ମାଣରେ ଏକ ଅଗ୍ରଣୀ ଭୂମିକା ନେବା ପାଇଁ ଓଡିଶା ଯାତ୍ରା ଆରମ୍ଭ କରିଛି । ଏଥିରେ ବିଭିନ୍ନ କ୍ଷେତ୍ର ସହିତ ପର୍ଯ୍ୟଟନର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କାରଣ, ପର୍ଯ୍ୟଟନ ହେଉଛି ଏପରି ଏକ କ୍ଷେତ୍ର, ଯାହା ନିମ୍ନ ଆୟକାରୀ ବର୍ଗଙ୍କ ମଧ୍ୟରେ ବ୍ୟାପକ ନିଯୁକ୍ତି ସୃଷ୍ଟି କରେ । କେବଳ ସେତିକି ନୁହେଁ, ଏହା ଆମ ଐତିହ୍ୟ, ସଂସ୍କୃତି, ପରମ୍ପରା, ଖାଦ୍ୟ, ଜୀବନଶୈଳୀ ସବୁକିଛିର ପ୍ରଚାର ପ୍ରସାରରେ ସହାୟକ ହୁଏ । ଭିଜନ ଓଡିଶା ଅନୁଯାୟୀ ଆମର ଲକ୍ଷ୍ୟ ହେଉଛି ଏସିଆର ଶ୍ରେଷ୍ଠ ୫ଟି Eco Cultural Tourism Hub ମଧ୍ୟରେ ସ୍ଥାନ ହାସଲ କରିବା । ଅତି କମ୍‌ରେ ୧୫ଟି ଆଇକନିକ୍ ସ୍ଥାନକୁ ବିକଶିତ କରିବା ଏବଂ ୨୫ ଲକ୍ଷ ଜୀବିକା ସୃଷ୍ଟି କରିବା ଆମର ଲକ୍ଷ୍ୟ । ଓଡିଶାରେ ଇକୋ ଟୁରିଜିମ, ଆଡଭେଂଚର ଟୁରିଜିମ, ହେରିଟେଜ ଟୁରିଜିମ, କଲ୍‌ଚରାଲ ଟୁରିଜିମ ଆଦି ଅନେକ ପ୍ରକାର ଟୁରିଜିମ ପ୍ରଡକ୍ଟ ପାଇଁ ସୁଯୋଗ ଭରି ରହିଛି । ୨୦୪୭ ସୁଦ୍ଧା ବର୍ଷକୁ ୫ କୋଟି ସ୍ୱଦେଶୀ ପର୍ଯ୍ୟଟକ ଓ ୭ ଲକ୍ଷ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ପାଇଁ ଆମେ ଲକ୍ଷ୍ୟ ରଖିଛୁ । ଏଥିପାଇଁ ଓଡିଶା ତା'ର ଯାତ୍ରା ଆରମ୍ଭ କରିଛି ବୋଲି ସେ କହିଥିଲେ । ଓଡିଶାକୁ ପର୍ଯ୍ୟଟକଙ୍କ ପାଇଁ ସବୁଠାରୁ ପସନ୍ଦଯୋଗ୍ୟ ଲକ୍ଷ୍ୟସ୍ଥଳରେ ପରିଣତ କରିବାକୁ ହେଲେ, ଚିରାଚରିତ ମଡେଲରେ ସମ୍ଭବ ନୁହେଁ । ଆଗାମୀ ବର୍ଷ ମାନଙ୍କରେ ଓଡିଶାକୁ ବହୁତ ଅଧିକ ପର୍ଯ୍ୟଟକ ଆସିବାର ସମ୍ଭାବନା ଅଛି । ତେବେ ଆମକୁ ଏବେଠୁ ପ୍ରସ୍ତୁତ ହେବାକୁ ପଡିବ । ପର୍ଯ୍ୟଟନରେ ଚଟଚ ମୋଡ ଅତ୍ୟନ୍ତ ଆବଶ୍ୟକ । ତେଣୁ, ଆଗାମୀ ଦିନରେ ଆମ ସରକାର ଏହି ବିଷୟରେ ଅଧିକ ମାନସ ମନ୍ଥନ କରିବେ ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ପରିଶେଷରେ କହିଥିଲେ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଗକୁ କିପରି ଏହି ଇକୋ ରିଟ୍ରିଟକୁ ଆହୁରି ବ୍ୟବସ୍ଥିତ କରାଯାଇ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରାଯାଇ ପାରିବ ସେ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ ।ଉକ୍ତ ଉଦଘାଟନ ଉତ୍ସବରେ ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ, କାକଟପୁର ବିଧାୟକ ଶ୍ରୀ ତୁଷାରକାନ୍ତି ବେହେରା, ସତ୍ୟବାଦୀ ବିଧାୟକ ଶ୍ରୀ ଓମ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟକ ଶ୍ରୀମତୀ ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନୀଲ ମହାନ୍ତି, ପର୍ଯ୍ୟଟନ ସଚିବ ଶ୍ରୀ ବଳବନ୍ତ ସିଂ, ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ମଂଚାସୀନ ଥିଲେ ।

# କଗ୍ନିଜାଂଟ ପକ୍ଷରୁ ଆର୍ଟିଫିସିଆଲ ଇଂଟେଲିଜେନ୍ସ ଲ୍ୟାବ୍ ଓ କଗ୍ନିଜାଂଟ ମୋମେଂଟଟିଏମ ଷ୍ଟୁଡିଓ ଉନ୍ମୋଚିତ



ଭୁବନେଶ୍ୱର,(ପି.ଏନ) : କଗ୍ନିଜାଂଟ (ନାସ୍‌ଡାକ୍:ସିଟିଏସଏଚ) ପକ୍ଷରୁ ବେଙ୍ଗାଲୁରୁରେ ଏକ ନୂଆ କଗ୍ନିଜାଂଟ ମୋମେଂଟ ଷ୍ଟୁଡିଓ ସହିତ ଏହାର ଇଣ୍ଡିଆ ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏଆଇ) ଲ୍ୟାବ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି । ଉଭୟ ଲ୍ୟାବ୍ ଓ ଷ୍ଟୁଡିଓ , ପରବର୍ତ୍ତୀ ୩ ବର୍ଷରେ ଜେନେରେଟିଭ ଏଆଇ କ୍ଷେତ୍ରରେ ୧ ବିଲିୟନ ଡଲାର ନିବେଶ କରିବା ପାଇଁ ଲକ୍ଷ ରଖିଛନ୍ତି । ଏହି ଇଣ୍ଡିଆ ଲ୍ୟାବ ସାନ ଫ୍ରାନ୍ସିସ୍କୋରେ କଗ୍ନିଜାଂଟର ଏଆଇ ଲ୍ୟାବ୍‌କୁ ବିସ୍ତାର କରିଛି, ଯାହାକୁ ନିକଟରେ ଏହାର ୬୧ତମ ୟୁ.ଏସ. ପାଟେଂଟ ମୁର କରାଯାଇଛି । କଗ୍ନିଜାଂଟ ମୋମେଂଟ ଷ୍ଟୁଡିଓ କମ୍ପାନୀର ଡିଜିଟାଲ ଅନୁଭୂତି ଅଭ୍ୟାସର ଏକ ଅଂଶବିଶେଷ ଯାହା ଏହାର କ୍ଲାଏଂଟଙ୍କୁ ଗ୍ରାହକ ଅନୁଭୂତିକୁ ପୁନଃପରିକଳ୍ପନା କରିବା ଓ ଅଭିବୃଦ୍ଧିକୁ ପରିଚାଳନା କରିବା ପାଇଁ ଏଆଇର ବ୍ୟବହାରରେ ସାହାଯ୍ୟ କରୁଛି । ମିଳିତ ଭାବେ ଏହି ଲ୍ୟାବ୍ ଓ ଷ୍ଟୁଡିଓ ବ୍ୟବସାୟ-ପ୍ରସ୍ତୁତ ମଲ୍ଟି-ଏଜେଂଟ ସିଷ୍ଟମ, ଏଆଇ ନିଷ୍ପତ୍ତି କ୍ଷମତା, ଦାୟିତ୍ୱପୂର୍ଣ୍ଣ ଏଆଇ ଓ ଏଆଇ-ଫର-ଗୁଡ ଅଭିଯାନଗୁଡିକୁ ବିକଶିତ କରିବା ଉପରେ ଗୁରୁତ୍ୱ ଦେବେ । ଏସମ୍ପର୍କରେ କଗ୍ନିଜାଂଟର ସିଇଓ ରବି କୁମାର ଏସ୍ କହିଛନ୍ତି, 'ବେଙ୍ଗାଲୁରୁରେ ଆମର ଇଣ୍ଡିଆ ଏଆଇ ଲ୍ୟାବ ଓ କଗ୍ନିଜାଂଟ ମୁମେଂଟ ଷ୍ଟୁଡିଓ ଉଦ୍ୟୋଗଗୁଡିକ ପାଇଁ ନିର୍ଭରଶୀଳ ନିଷ୍ପତ୍ତି ଗ୍ରହଣରେ ସଂଯୋଗ କରୁଥିବା ଇଂଟେଲିଜେଂଟ ସିଷ୍ଟମ ତିଆରି କରିବା ପାଇଁ ଆଗ୍ନେଟିକ ଆର୍କିଟେକ୍‌ଚର, ଏଆଇ ଟ୍ରଷ୍ଟ ଓ ପରବର୍ତ୍ତୀ ପିଢିର ଉପଭୋକ୍ତା ଅନୁଭୂତି କ୍ଷେତ୍ରରେ ଅନୁସନ୍ଧାନ ପ୍ରଦାନ କରିବ ।' ଲ୍ୟାବର ଟିମରେ ସାମିଲ ଥିବା ପିଏଚ୍‌ଡି-ସ୍ତରୀୟ ବୈଜ୍ଞାନିକ ଓ ଏଆଇ ଇନିୟରମାନେ ମଲ୍ଟି-ଏଜେଂଟ ଏଆଇ, ଡିସିସନିଙ୍ଗ ସିଷ୍ଟମ ଓ ଦାୟିତ୍ୱପୂର୍ଣ୍ଣ ଏଆଇ କ୍ଷେତ୍ରରେ ପ୍ରୟୋଗିକ ଗବେଷଣାକୁ ଆଗକୁ ବଢାଇବେ ।'ସେହିପରି କଗ୍ନିଜାଂଟର ମୁଖ୍ୟ ଏଆଇ ଅଧିକାରୀ ବାବକ ହୋଡ୍‌ଜାଟ କହିଛନ୍ତି, 'ଏହି ଇଣ୍ଡିଆ ଏଆଇ ଲ୍ୟାବ୍ କଗ୍ନିଜାଂଟର ଗବେଷଣା କ୍ଷେତ୍ର ଏବଂ ଏଆଇ ଉଦ୍ଭାବନର ପରବର୍ତ୍ତୀ ଲହରକୁ ଆଗକୁ ବଢାଇବା ପାଇଁ ଆମ ଲକ୍ଷ୍ୟର ଏକ ପ୍ରମୁଖ ବିସ୍ତାର ଅଟେ ।' ସେହିଭଳି କଗ୍ନିଜାଂଟ ମୁମେଂଟର ଗ୍ଲୋବାଲ ହେଡ୍ ବୋମିନ ଓ୍ୱିନର କହିଛନ୍ତି, 'ଇଣ୍ଡିଆ ଏଆଇ ଲ୍ୟାବ ଓ କଗ୍ନିଜାଂଟ ମୁମେଂଟ ଷ୍ଟୁଡିଓ ଆମର ଗ୍ରାହକଙ୍କୁ ବାଧାହୀନ ଭାବେ ପ୍ରଦାନ କରାଯାଉଥିବା ଉତ୍କୃଷ୍ଟ, ଶକ୍ତିଶାଳୀ ଓ ପ୍ରଭାବୀ ଡିଜିଟାଲ ଅନୁଭୂତିଗୁଡିକର ଏକ ନୂଆ ପିଢି ସୃଷ୍ଟି କରିବା ପାଇଁ ବୈଷୟିକ ବିଶେଷଜ୍ଞତାକୁ ମାନବ ତଥ୍ୟ ସହ ମିଶ୍ରଣ କରୁଛି । ଇଣ୍ଡିଆ ଏଆଇ ଲ୍ୟାବ ଦେଶବ୍ୟାପୀ ଅଗ୍ରଣୀ ବିଶ୍ୱବିଦ୍ୟାଳୟଗୁଡିକ ସହ ସହଭାଗିତା କରିବ, ଯାହା ପ୍ରୟୋଗାତ୍ମକ ଏଆଇ କ୍ଷେତ୍ରରେ ବିଦ୍ୱାନଙ୍କ ପାଇଁ ଯୁଗ୍ମ ଅନୁସନ୍ଧାନ ଅଭିଯାନ, ବାସ୍ତବ-ଦୁନିଆର ପରୀକ୍ଷଣ ଓ ଇଂଟର୍ଣ୍ଣସିପ ସୁଯୋଗକୁ ସକ୍ଷମ କରିବ ।

# ଆଇଏମଆଇ ଭୁବନେଶ୍ୱର ପକ୍ଷରୁ ୧୩ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ




ଭୁବନେଶ୍ୱର,(ପି.ଏନ) : ଆଇଏମଆଇ ଭୁବନେଶ୍ୱର ପକ୍ଷରୁ ଏହାର ୧୩ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ପାଳିତ ହୋଇଯାଇଛି । ପିଜି ଡିପ୍ଲୋମା ଇନ୍ ମ୍ୟାନେଜମେଂଟ ଏବଂ ଫେଲୋ ପ୍ରୋଗ୍ରାମ୍ ଇନ୍ ମ୍ୟାନେଜମେଂଟ ( ଏଫପିଏମ୍)ର ସ୍ନାତକ ଛାତ୍ରଛାତ୍ରୀଙ୍କ ସମେତ ୧୯୪ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ । ନିଶାନ ମୋଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ସୌରଭ ଭତ୍ସା ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଆଇଏମ୍ଆଇର ଡାଇରେକ୍ଟର ଜେନେରାଲ ଡ. ହିମାଦ୍ରି ଦାସ ଏଥିରେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଲାଭ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା । ଉତ୍ସବ ପରଖଙ୍କୁ ତାଙ୍କ ଶିକ୍ଷାଗତ ରେକର୍ଡ ଏବଂ କ୍ୟାମ୍ପସ ଜୀବନର ଅବଦାନ ପାଇଁ ସ୍ୱର୍ଣ୍ଣ ପଦକ ସହିତ ଡଃ ରାମା ପ୍ରସାଦ ଗୋଏଙ୍କା ଶ୍ରେଷ୍ଠ ଛାତ୍ର ମେଡାଲ ପ୍ରଦାନ କରାଯାଇଥିଲା । ଦର୍ଶନା ମିଶ୍ରଙ୍କୁ ତାଙ୍କ ଶିକ୍ଷାଗତ ସଫଳତା ପାଇଁ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା । ପାଠ୍ୟକ୍ରମ ସହିତ ପାଠ୍ୟ-ବହିର୍ଭୁତ କାର୍ଯ୍ୟକଳାପ ପାଇଁ ଶ୍ୱେତା ଝା'ଙ୍କୁ ଡାଇରେକ୍ଟରଙ୍କ ପଦକ ପ୍ରଦାନ କରାଯାଇଥିଲା । ଏଥି ସହିତ ଗ୍ରୀଷ୍ମକାଳୀନ ଇଂଟର୍ନସିପ୍ ପ୍ରୋଜେକ୍ଟ ପୁରସ୍କାର ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରାଯାଇଥିଲା । ଏଥିରେ ପ୍ରିୟଙ୍କା ଜୟସ୍ୱାଲ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ଦ୍ୱିତୀୟ ସ୍ଥାନରେ ଶାଶ୍ୱତ ପଟେଲ ଓ ଅରଫିନ୍ ଖାତୁନ ରହିଥିଲେ । ଆଇଏମ୍ଆଇ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଡଃ. ପି ସି ବିଶ୍ୱାଳ ସମାବେଶକୁ ସମ୍ବୋଧିତ କରିବା ସହ ଆତ୍ମବିଶ୍ୱାସ, ଶୃଙ୍ଖଳା ଏବଂ ଉଦ୍ଦେଶ୍ୟବୋଧ ସହିତ ଉଦ୍ଭାସିତ ପ୍ରତିଭାବାନ ଯୁବ ବୃତିଗତଙ୍କୁ ନେଇ ଗର୍ବ ଅନୁଭବ କରିଥିଲେ । ସେ ଅନୁଷ୍ଠାନର ନିରନ୍ତର ପ୍ରଗତି ଉପରେ ମଧ୍ୟ ଆଲୋକପାତ କରିଥିଲେ ଏବଂ ଏହି ଉଲ୍ଲେଖନୀୟ ସଫଳତାକୁ ପ୍ରଶଂସା କରିଥିଲେ । ସେ ଫାକଲ୍‌ଟି ମାନଙ୍କୁ ପ୍ରଶଂସା କରିବା ସହ ସେମାନଙ୍କର ନିଷ୍ଠା କେବଳ ପ୍ରତିଷ୍ଠାନର ଶିକ୍ଷାଗତ ମାନକୁ ଉନ୍ନତ କରିନାହିଁ ବରଂ ବିଶ୍ୱ ଶିକ୍ଷା କ୍ଷେତ୍ରରେ ଆଇଏମଆଇ ଭୁବନେଶ୍ୱରର ସ୍ଥାନକୁ ଆହୁରି ମଜଭୁତ କରିପାରିଛି ବୋଲି କହିଥିଲେ । ଆଇଏମଆଇ ଭୁବନେଶ୍ୱର ଭବିଷ୍ୟତରେ ଉନ୍ନତମାନର ଶିକ୍ଷା କ୍ଷେତ୍ରର ପରିବର୍ତ୍ତନ ପାଇଁ ଏକ ପ୍ରେରଣାଦାୟକ ଉତ୍ସ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ ।

# ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ

ପାରାଦୀପ,(ପି.ଏନ):ପାରାଦୀପ ନୂଆବଜାରସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶ୍ରୀ ଅରବିନ୍ଦ ଇଂଟିଗ୍ରାଲ ଏଜୁକେସନ୍ ସେଂଟରର ୨୨ତମ ବାର୍ଷିକ କ୍ରୀଡା ଉତ୍ସବ ଗୋପବନ୍ଧୁ ଷ୍ଟାଡିୟମ୍ ପରିସରରେ ଶନିବାର ଦିନ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ପାରାଦୀପ ବନ୍ଦରର ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଭୂତି ଭୂଷଣ ଦାସ । ସମ୍ମାନୀତ ଅତିଥି ଭାବେ ମ୍ୟାନେଜିଙ୍ଗ ଟ୍ରଷ୍ଟି ସୁରେଶ ଚନ୍ଦ୍ର ତ୍ରିପାଠୀ, ଡେପୁଟି ମ୍ୟାନେଜିଙ୍ଗ ଟ୍ରଷ୍ଟି ପ୍ରଦୀପ୍ତ କୁମାର ପଣ୍ଡା, ଟ୍ରଷ୍ଟି ପିତାମ୍ବର ବେହେରା, ସଦସ୍ୟ ତପନ କୁମାର ପାତ୍ର, ଶିବ ଚରଣ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ ।

# ଡ୍ରାଇଭରଙ୍କ ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନ ସରକାରଙ୍କୁ ଚେତାବନୀ ଦେଲେ ରାଜ୍ୟ ସଭାପତି



କାକଟପୁର,(ପି.ଏନ):ପୁରୀ ଜିଲ୍ଲା ଅସ୍ତରଙ୍ଗ ଲକ୍ଷ୍ମୀ କଲ୍ୟାଣ ମଣ୍ଡପ ଠାରେ ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ଏକ କାର୍ଯ୍ୟକାରୀଣି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଓଡିଶା ଡ୍ରାଇଭର ମହାସଂଘର ରାଜ୍ୟ ସଭାପତି ପ୍ରଶାନ୍ତ ମଣ୍ଡୋଲି ଯୋଗ ଦେଇଥିଲେ । ଏହି ବୈଠକରେ ଡ୍ରାଇଭରମାନଙ୍କର ବିଭିନ୍ନ ସମସ୍ୟାକୁ ପୁରୀ ଜିଲ୍ଲା ଡ୍ରାଇଭର ସଂଘର ନେତୃମଣ୍ଡଳୀଙ୍କ ସହିତ ରାଜ୍ୟ ସଭାପତି ଆଲୋଚନା କରିଥିଲେ । ବିଗତ ଦିନରେ ଡ୍ରାଇଭର ମହାସଂଘ ପକ୍ଷରୁ ରାଜ୍ୟବ୍ୟାପୀ ଷ୍ଟିୟରିଂ ଛାଡ ଆନ୍ଦୋଳନ କରାଯାଇ ଏକ ଅଚଳାବସ୍ଥା ସୃଷ୍ଟି କରାଯାଇଥିଲା । ଯାହା ସରକାରଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା । ସରକାର ଡ୍ରାଇଭରମାନଙ୍କ ବିଭିନ୍ନ ଦାବିକୁ ଗ୍ରହଣ କରି ପୂରଣ କରିବା ପାଇଁ ପ୍ରତିଶୃତି ଦେଇଥିଲେ । କିନ୍ତୁ ପ୍ରତିଶୃତି ଦେବାର ଦୀର୍ଘ ଦିନ ପରେ ମଧ୍ୟ ସରକାର ଡ୍ରାଇଭରମାନଙ୍କ କୌଣସି ଦାବିକୁ ପୂରଣ କରିପାରି ନାହାଁନ୍ତି । ଯାହାକୁ ନେଇ ଓଡିଶା ଡ୍ରାଇଭର ମହାସଂଘ ଡ୍ରାଇଭରମାନଙ୍କ ଦାବୀକୁ ପୂରଣ କରିବା ପାଇଁ ଏକ ବିରାଟ ଆନ୍ଦୋଳନ ପାଇଁ ସଜବାଜ ହେଉଛି । ସରକାର ସବୁବେଳେ ପ୍ରତିଶୃତି ଦେଇ ସେହି ପ୍ରତିଶୃତିକୁ ଭୁଲି ଯାଉଛନ୍ତି । ତେଣୁ ସରକାରଙ୍କ ନିଦ୍ରାଭଙ୍ଗ କରିବାପାଇଁ ଏବଂ ଡ୍ରାଇଭର ଭାଇମାନଙ୍କ ହକ ପାଇଁ ଆଗାମୀ ଦିନରେ ଓଡିଶାର ହଜାର ହଜାର ଡ୍ରାଇଭରମାନେ ଏକାଠି ହୋଇ ସେମାନଙ୍କ ହକ ପାଇଁ ଆନ୍ଦୋଳନକୁ ଓହ୍ଲାଇବେ ଏବଂ ଦରକାର ପଡିଲେ ଅଖ ଚକ ବନ୍ଦ କରି ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବେ ବୋଲି ଏହି ବୈଠକରେ ଡ୍ରାଇଭର ମହାସଂଘର ରାଜ୍ୟ ସଭାପତି ପ୍ରଶାନ୍ତ ମଣ୍ଡୋଲି କହିଛନ୍ତି । ଏହି ବୈଠକରେ ପୁରୀ ଜିଲ୍ଲା ଡ୍ରାଇଭର ମହାସଂଘ ସଭାପତି ଗୋପାଳ ଚନ୍ଦ୍ର ବାରିକ ,ଉପସଭାପତି ଗୋପବନ୍ଧୁ ଦାସ ,ସମ୍ପାଦକ ପୁଲେନ ପାଟସାଣି ,କୋଷଧକ୍ଷ ଗଣେଶ ମହାନ୍ତି ଉପଦେଷ୍ଟା ରାଜୁ ଭାଇ ଯୋଗ ଦେଇଥିବା ବେଳେ ଅସ୍ତରଙ୍ଗ ଡ୍ରାଇଭର ମହାସଂଘର ସଭାପତି କୃପାସିନ୍ଧୁ ବସ୍ତିଆ ,ଉପସଭାପତି ବସନ୍ତ ମଲିକ ,ସମ୍ପାଦକ କେଦାର ବିଶ୍ୱାଳ ,ସହସମ୍ପାଦକ ବିପିନ ନାୟକ, ଉପଦେଷ୍ଟା ସତ୍ୟବ୍ରତ ଲେଙ୍କା ପ୍ରମୁଖ ଉପସ୍ଥିତ ରହିଥିଲେ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray